# NATIONAL NEWS BULLETIN (ODIA)

## 15 May - 2024

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ନିର୍ବାଚନ ଆୟୋଗ ପଞ୍ଚମ ଏବଂ ଷଷ୍ଠ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି ।
- ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାରାଷ୍ଟ୍ର ନାଶିକ୍ ଜିଲ୍ଲାର ଡିଣ୍ଡୋରି ଠାରେ ଏକ ନିର୍ବାଚନୀ ର୍ୟାଲିକୁ ସମ୍ବୋଧନ କରିଛନ୍ତି ।
- ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଓଡ଼ିଶା ଗସ୍ତରେ ଆସି ନିର୍ବାଚନ ପ୍ରଚାର କରିଛନ୍ତି ।
- ଦେଶରେ ନାଗରିକତା ସଂଶୋଧନ ନିୟମ ୨୦୨୪ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଜି ପ୍ରଥମ ନାଗରିକତା ପ୍ରମାଣପତ୍ର ପ୍ରଦାନ କରାଯାଇଛି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ରାଜସ୍ଥାନ ରୟାଲ୍ସ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ମୁକାବିଲା ।

## ଇସି-ପୋଲ

ନିର୍ବାଚନ ଆୟୋଗ ପଞ୍ଚମ ଏବଂ ଷଷ୍ଠ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଆଜି ସମୀକ୍ଷା କରିଛନ୍ତି । ମୁଖ୍ୟ ନିର୍ବାଚନ ଆୟୋଗ ରାଜୀବ କୁମାର, ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର ଏବଂ ସୁଖବୀର ସିଂହ ସାନ୍ଧୁ ଅନୁଷ୍ଠିତ ହେଉଥିବା ସାଧାରଣ ନିର୍ବାଚନରେ ନିୟୋଜିତ ପର୍ଯ୍ୟବେକ୍ଷକମାନଙ୍କ ସହ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନା କରିଛନ୍ତି । ପଞ୍ଚମ ପର୍ଯ୍ୟାୟ ନିର୍ବାଚନରେ ୪୯ଟି ସଂସଦୀୟ କ୍ଷେତ୍ର ଏବଂ ଷଷ୍ଠ ପର୍ଯ୍ୟାୟ ନିର୍ବାଚନରେ ୫୭ଟି ସଂସଦୀୟ କ୍ଷେତ୍ରର ପର୍ଯ୍ୟବେକ୍ଷକମାନଙ୍କ ସହ ନିର୍ବାଚନ ଆୟୋଗ ଏହି ବୈଠକ କରିଛନ୍ତି । ଆସନ୍ତା ୨୦ ତାରିଖରେ ପଞ୍ଚମ ପର୍ଯ୍ୟାୟ ମତଦାନ ହେବାକୁ ଥିବା ବେଳେ ଷଷ୍ଠ ପର୍ଯ୍ୟାୟ ମତଦାନ ୨୫ ତାରିଖରେ ଅନୁଷ୍ଠିତ ହେବ ।

## ପିଏମ୍-ମହା କ୍ୟାମ୍ପେନିଂ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମହାରାଷ୍ଟ୍ର ନାଶିକ୍ ଜିଲ୍ଲାର ଡିଣ୍ଡୋରି ଠାରେ ଏକ ନିର୍ବାଚନୀ ର୍‌ୟାଲିକୁ ସମ୍ବୋଧନ କରିଛନ୍ତି । ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି, କୋଭିଡ୍ ମହାମାରୀ ପରିସ୍ଥିତିରେ ଆମ ଦେଶ ଯେଭଳି କାର୍ଯ୍ୟ କରିଛି ସେଥିପାଇଁ ସମଗ୍ର ବିଶ୍ୱ ପ୍ରଶଂସା କରିଛି । ଶ୍ରୀ ମୋଦୀ କହିଛନ୍ତି, ନାଶିକ୍‌ର ବିଭିନ୍ନ

ଗ୍ରାମରେ ୬୦୦ରୁ ଅଧିକ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ଏବଂ ଅନେକ ଜନଔଷଧୀ କେନ୍ଦ୍ରମାନ ସ୍ଥାପନ କରାଯାଇଛି । ସେ ଆହୁରି କହିଛନ୍ତି, ଏନ୍.ଡି.ଏ. ସରକାର କୃଷକ, ଯୁବା, ମହିଳା ଏବଂ ଅବହେଳିତ ବର୍ଗର ଲୋକମାନଙ୍କ କଲ୍ୟାଣ କରିବା ପାଇଁ ବଦ୍ଧପରିକର । ସେହି ଅଞ୍ଚଳର ପିଆଜ ଚାଷୀମାନଙ୍କୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ପିଆଜ ରପ୍ତାନୀ ହାର ୩୫ ପ୍ରତିଶତ ବୃଦ୍ଧି ହୋଇଛି । ସରକାର ପିଆଜ ରପ୍ତାନୀ ଉପରେ ଲାଗିଥିବା କଟକଣାକୁ ପ୍ରତ୍ୟାହାର କରିଥିବା ସେ କହିଛନ୍ତି ।

## ଅମିତ ଶାହା

ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଓଡ଼ିଶା ଗସ୍ତରେ ଆସି ସନ୍ଧ୍ୟାରେ ଐତିହାସିକ କଟକ ସହରରେ ରୋଡ୍ ଶୋ’ କରିଛନ୍ତି । କେନ୍ଦ୍ର ମନ୍ତ୍ରୀ ଶାହାଙ୍କ ରୋଡ୍ ଶୋ’ରେ କଟକ ସାଂସଦ ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କ ସମେତ ତିନୋଟି ନିର୍ବାଚନ ମଣ୍ଡଳୀର ବିଧାୟକମାନେ ଉପସ୍ଥିତ ଥିଲେ । ଶ୍ରୀ ଶାହାଙ୍କ ର୍ୟାଲିରେ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଲୋକ ଉପସ୍ଥିତ ଥିବା ସୂଚନା ମିଳିଛି । ଚଳିତ ନିର୍ବାଚନ ପ୍ରଚାରରେ ଶ୍ରୀ ଶାହା ଓଡ଼ିଶାକୁ ଦ୍ୱିତୀୟଥର ପାଇଁ ଆସିଛନ୍ତି । ଆଜି ଅପରାହ୍ଣରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି

ସିଧାସଳଖ ଗଞ୍ଜାମ ଜିଲ୍ଲାର ଆସିକା ଲୋକସଭା ନିର୍ବାଚନ ମଣ୍ଡଳୀର ସୋରୋଡାରେ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ । ସେ କହିଥିଲେ, ଓଡ଼ିଶାରେ ଚାଷୀ ଆୟ ସର୍ବନିମ୍ନ । ପଡ଼ୋଶୀ ଛତିଶଗଡ଼ ବହୁ ପଛରେ ରାଜ୍ୟର ମାନ୍ୟତା ପାଇ ମଧ୍ୟ ସେଠାକାର ଚାଷୀମାନଙ୍କର ଆୟ ଓଡ଼ିଶା ତୁଳନାରେ ଅଧିକ । ଶତିଶଗଡ଼ରେ ବିଜେପି ସରକାର ଧାନ କ୍ୱିଣ୍ଟାଲ୍ ୩୧୦୦ ଟଙ୍କାରେ କିଣୁଛି । ଓଡ଼ିଶାରେ ବିଜେପି ଶାସକୁ ଆସିଲେ ଚାଷୀମାନେ ଏହି ସୁବିଧା ପାଇପାରିବେ । ବିଜେପି ସରକାର ଆସିଲେ ଓଡ଼ିଶାର ରାସ୍ତା ନଥିବା ୬ହଜାର ୪୧୨ଟି ଗ୍ରାମରେ ଦୁଇ ବର୍ଷ ମଧ୍ୟରେ ରାସ୍ତା ନିର୍ମାଣ କରିବ ବୋଲି ଶ୍ରୀ ଶାହା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ଏହି ଅବସରରେ ଦାଦନ ସମସ୍ୟା, ରାସନ ସାମଗ୍ରୀ, ରାମ ମନ୍ଦିର, ରତ୍ନଭଣ୍ଡାର ଚାବି, କୃଷି ଓ କୃଷକ, ଆୟୁଷ୍ମାନ ଭାରତ ଯୋଜନା ଏବଂ ମାଓବାଦୀ ସମ୍ପର୍କରେ ରାଜ୍ୟର ସ୍ଥିତି ବିଷୟରେ ଶ୍ରୀ ଶାହା ସମ୍ବୋଧନ କରିଥିଲେ ।

କଟକ ଠାରେ ରୋଡ୍ ଶୋ' ସାରି ଶ୍ରୀ ଶାହା ଭୁବନେଶ୍ୱରରେ ପହଞ୍ଚି ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଏକ ବୈଠକରେ ଯୋଗ ଦେବେ । ପରେ ସେ ଆଜି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ।

ଆଜି ମଧ୍ୟ ବଲାଙ୍ଗୀରରେ ଅନୁଷ୍ଠିତ ଏକ ଦଳୀୟ ସମାବେଶରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଉଦ୍‌ବୋଧନ ଦେଇଛନ୍ତି । ପୂର୍ବରୁ ଯେମିତି ଚାଷୀଙ୍କର ଋଣ ଛାଡ଼ ହୋଇଥିଲା, ଆମେ ସରକାରକୁ ଆସିଲେ ପୁଣି ଚାଷୀଙ୍କ ଋଣ ଛାଡ଼ କରିବୁ ବୋଲି ଶ୍ରୀ ଗାନ୍ଧି କହିଥିଲେ ।

## ବିହାର କ୍ୟାମ୍ପେନିଂ

ବିହାରରେ ପଞ୍ଚମ ତଥା ଅବଶିଷ୍ଟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ଲୋକସଭା ସଂସଦୀୟ କ୍ଷେତ୍ରରେ ଜୋରସୋରରେ ପ୍ରଚାର ଚାଲିଛି। ଏନ୍‌ଡିଏ ଓ ମହାମେଣ୍ଟର ନେତାମାନେ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ କୌଣସି ସୁଯୋଗ ଛାଡୁନାହାନ୍ତି। ବିଜେପି ସଭାପତି ତଥା ଦଳର ଷ୍ଟାର ପ୍ରଚାରକ ଜେପି ନଡ୍ଡା ଆଜି ଶିଓହର ସଂସଦୀୟ କ୍ଷେତ୍ର ଅଧୀନ ପୂର୍ବ ଚମ୍ପାରଣ ଜିଲ୍ଲାର ସିରୋନାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଛନ୍ତି।

ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକରେ ଧର୍ମ ଆଧାରରେ ସଂରକ୍ଷଣ ଦେଇ କଂଗ୍ରେସ ବାବା ସାହେବ ଭୀମ ରାଓ ଆମ୍ବେଦକରଙ୍କ ଇଚ୍ଛା ବିରୁଦ୍ଧରେ କାର୍ଯ୍ୟ କରୁଛି ବୋଲି ଶ୍ରୀ ନଡ୍ଡା ଅଭିଯୋଗ କରିଛନ୍ତି।

ବିଜେପି ଅଧ୍ୟକ୍ଷ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ତୁଷ୍ଟୀକରଣ ଏବଂ ଜାତି ଆଧାରିତ ରାଜନୀତିକୁ ଶେଷ କରିଛନ୍ତି କାରଣ ଭାରତକୁ ଏକ

ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସେ ସଂକଳ୍ପ ନେଇଛନ୍ତି । ବିଜେପି ରାଜ୍ୟ ସଭାପତି ସମ୍ରାଟ ଚୌଧୁରୀ ଏବଂ ଏନ୍‌ଡିଏ ନେତା ଚିରାଗ ପାସୱାନ, ଉପେନ୍ଦ୍ର କୁଶୱାହା ମଧ୍ୟ ମହାମେଣ୍ଟର ପ୍ରାର୍ଥୀଙ୍କ ସମର୍ଥନରେ ଜନସଭାକୁ ସମ୍ବୋଧିତ କରିଥିଲେ। ମହାମେଣ୍ଟଠାରୁ ଆରମ୍ଭ କରି କଂଗ୍ରେସ, ଆର୍‌ଜେଡି ଏବଂ ବିକାଶ ଶୀଲ ଇନ୍‌ସାନ୍ ପାର୍ଟି (ଭିଆଇପି)ର ନେତାମାନେ ମଧ୍ୟ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ନିର୍ବାଚନୀ ରାଲି କରୁଛନ୍ତି।

## ଇସି-ଆନ୍ଧ୍ରପ୍ରଦେଶ

ଆନ୍ଧ୍ରପ୍ରଦେଶରେ ଉପୁଜିଥିବା ନିର୍ବାଚନ ପରର ହିଂସା ସଂପର୍କରେ କାରଣ ଦର୍ଶାଇବା ପାଇଁ ନିର୍ବାଚନ ଆୟୋଗ ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ପୋଲିସ୍ ମହାନିର୍ଦ୍ଦେଶକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । କମିଶନ୍ ଏହି ବରିଷ୍ଠ ଅଧିକାରୀମାନଙ୍କୁ ଆସନ୍ତାକାଲି ନୂଆଦିଲ୍ଲୀ ଡାକିଛନ୍ତି । ସେମାନେ କମିଶନ୍‌ଙ୍କ ପାଖରେ ଯେପରି ଭବିଷ୍ୟତରେ ଏଭଳି ହିଂସାତ୍ମକ ଘଟଣା ନ ଘଟିବ ସେଥିପାଇଁ କି ପଦକ୍ଷେପ ନେଇଛନ୍ତି ତାହା ଜଣାଇବେ । ନିର୍ବାଚନ ପରର ଏଭଳି ହିଂସାତ୍ମକ ଘଟଣାକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନ୍ ମୁଖ୍ୟ ସଚିବ ଏବଂ ପୋଲିସ୍ ମହାନିର୍ଦ୍ଦେଶକଙ୍କୁ କୌଣସି ପରିସ୍ଥିତିରେ ଏଭଳି ହିଂସା ଯେପରି

ନ ଘଟେ ସେଥିପାଇଁ ତାଗିଦ୍ କରିଛନ୍ତି । ଗଣତନ୍ତ୍ରରେ ଏଭଳି ହିଂସାର କୌଣସି ସ୍ଥାନ ନାହିଁ ବୋଲି କମିଶନ୍ ବାରମ୍ବାର ଗୁରୁତ୍ୱ ଦେଇ ଆସୁଛନ୍ତି ।

## ବିଜେପି-କେଜ୍ରିୱାଲ୍

ଆପ୍ ସାଂସଦ ସ୍ୱାତୀ ମାଲିୱାଲଙ୍କ ସହ ହୋଇଥିବା ଅସଦାଚରଣ ପ୍ରସଙ୍ଗରେ ଆମ୍ ଆଦମୀ ପାର୍ଟିର ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ନୀରବତାକୁ ନେଇ ବିଜେପି ପ୍ରଶ୍ନ ଉଠାଇଛି। ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି ଦଳୀୟ ନେତ୍ରୀ ଶାଜିଆ ଇଲ୍ମି କହିଛନ୍ତି, କେଜ୍ରିୱାଲ ତାଙ୍କ ବାସଭବନରେ ଘଟିଥିବା ଘଟଣା ସମ୍ପର୍କରେ ଦେଶବାସୀଙ୍କୁ ଜଣାଇବା ଉଚିତ। ସ୍ୱାତୀ ମାଲିୱାଲଙ୍କ ସହ ଅସଦାଚରଣ କରିଥିବା ତାଙ୍କ ବ୍ୟକ୍ତିଗତ ସହାୟକ ବିଭବ କୁମାରଙ୍କ ବିରୁଦ୍ଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସେ କେଜ୍ରିୱାଲଙ୍କୁ ପଚାରିଛନ୍ତି।

## ଇଣ୍ଡିଆ-ୟୁଏଇ

ନୂଆଦିଲ୍ଲୀରେ ଭାରତ-ୟୁଏଇ ରାଷ୍ଟ୍ରଦୂତ ସମ୍ବନ୍ଧୀୟ ଯୁଗ୍ମ କମିଟିର ପଞ୍ଚମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଦେଶିକ ମନ୍ତ୍ରଣାଳୟ କହିଛି, ଶ୍ରମ, ଭିସା, ଦେଶାନ୍ତର, ନାଗରିକତା ଏବଂ ପ୍ରତ୍ୟର୍ପଣ ଆଦି ପ୍ରସଙ୍ଗରେ

ସମନ୍ୱୟ ଏବଂ ସହଯୋଗକୁ ସୁଦୃଢ଼ କରିବା ପାଇଁ ଉଭୟ ପକ୍ଷ ଆଲୋଚନା କରିଛନ୍ତି । ୟୁଏଇରେ ଥିବା ଭାରତୀୟ ଶ୍ରମିକଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ୟୁଏଇ ବିସ୍ତୃତ ସୂଚନା ଦେଇଥିଲା । ଉଭୟ ଦେଶର ରାଷ୍ଟ୍ରଦୂତ ପାରସ୍ପରିକ ସ୍ୱାର୍ଥ ସମ୍ବନ୍ଧୀୟ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରିଥିଲେ । ଉଭୟ ଦେଶର ଲୋକମାନଙ୍କ ମଧ୍ୟରେ ପାରସ୍ପରିକ ସ୍ୱାର୍ଥକୁ ପ୍ରୋତ୍ସାହିତ କରିବା, ଭିସା ସୁବିଧ. ପରିବହନ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା ।

## ସିଏଏ-ସିଟିଜେନ୍‌ସିପ୍

ଦେଶରେ ନାଗରିକତା ସଂଶୋଧନ ନିୟମ ୨୦୨୪ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଜି ପ୍ରଥମ ନାଗରିକତା ପ୍ରମାଣପତ୍ର ପ୍ରଦାନ କରାଯାଇଛି । ନୂଆଦିଲ୍ଲୀରେ କେନ୍ଦ୍ର ଗୃହ ସଚିବ ଅଜୟ କୁମାର ଭଲ୍ଲା ୧୪ ଜଣ ଆବେଦନକାରୀଙ୍କୁ ନାଗରିକତା ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ଗୃହ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଅନ୍ୟ ଆବେଦନକାରୀଙ୍କୁ ଇ-ମେଲ୍ ଜରିଆରେ ଡିଜିଟାଲ୍ ସ୍ୱାକ୍ଷରିତ ସାର୍ଟିଫିକେଟ୍ ପ୍ରଦାନ କରାଯାଉଛି ।

ଗୃହ ସଚିବ ଆବେଦନକାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଗତ ୧୧ ମାର୍ଚ୍ଚ ୨୦୨୪ରେ ବିଜ୍ଞପ୍ତି ପ୍ରକାଶ ପାଇଥିବା ନାଗରିକତା (ସଂଶୋଧନ) ନିୟମ, ୨୦୨୪ର ପ୍ରମୁଖ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ।

## ଭାରତ ପାଭିଲିୟନ୍

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ସଞ୍ଜୟ ଜାଜୁଙ୍କ ସହ ଫ୍ରାନ୍ସ ଏବଂ ମୋନାକୋରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ଜାଭେଦ ଅଶରଫ ଆଜି ଫ୍ରାନ୍ସର କାନ୍ସ ୨୦୨୪ରେ ଭାରତ ପ୍ୟାଭିଲିୟନକୁ ଉଦଘାଟନ କରିଛନ୍ତି । କାନ୍ ଫିଲ୍ମ ଫେଷ୍ଟିଭାଲରେ ଭାରତ ପ୍ରଥମ ଥର ପାଇଁ ଭାରତ ପର୍ବ ଆୟୋଜନ କରୁଛି । କାନ୍ସରେ ଥିବା ଭାରତ ପ୍ୟାଭିଲିୟନ ଭାରତୀୟ ଚଳଚ୍ଚିତ୍ର ସମୁଦାୟ ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ । ଏଠାରେ ଚଳଚ୍ଚିତ୍ର ନିର୍ମାଣକୁ ପ୍ରୋତ୍ସାହିତ କରିବା, ବିତରଣ ଚୁକ୍ତି ସ୍ୱାକ୍ଷର, ବ୍ୟବସାୟ ବୈଠକ ଓ ବିଶ୍ୱର ପ୍ରମୁଖ ମନୋରଞ୍ଜନ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ । ଅହମ୍ମଦାବାଦସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ୍ ପକ୍ଷରୁ ଚଳିତ ବର୍ଷର 'କ୍ରିଏଟ୍ ଇନ୍ ଇଣ୍ଡିଆ' ବିଷୟବସ୍ତୁକୁ ଦର୍ଶାଇବା ପାଇଁ 'ସୂତ୍ରଧାରା' ନାମରେ ଏହି 'ଭାରତ ପ୍ୟାଭିଲିୟନ୍'ର ଡିଜାଇନ୍ କରାଯାଇଛି।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ଗୌହାଟିଠାରେ ଆଉ କିଛି ସମୟ ପରେ ରାଜସ୍ଥାନ ରୟାଲ୍ସ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ମୁକାବିଲା ହେବ । ଟସ୍ ଜିତି ରାଜସ୍ଥାନ ରୟାଲ୍ସ ବାଟିଂ କରିବାକୁ ନିଷ୍ପତ୍ତି ନେଇଛି । ରାଜସ୍ଥାନ ରୟାଲ୍ସ ଏପର୍ଯ୍ୟନ୍ତ ଖେଳିଥିବା ୧୨ଟି ମ୍ୟାଚ୍‌ରୁ ୧୬ ପଏଣ୍ଟ ହାସଲ କରି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ପଞ୍ଜାମ ୧୨ଟି ମ୍ୟାଚ୍‌ରୁ ମାତ୍ର ୮ ପଏଣ୍ଟ ସହ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି ।